# Akashvani, Sambalpur

# SAMBALPURI NEWS BULLETIN

## 17 December 2025 – 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ-ବ୍ରହ୍ମପୁର୍ ଗସ୍ତ        ବ୍ରହ୍ମପୁର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଦିନ୍କିଆ ବ୍ରହ୍ମପୁର୍ ଗସ୍ତଥି ଯାଇକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେବେ । ବ୍ରହ୍ମପୁର୍ ରାମଲିଙ୍ଗମ୍ ଛକ୍ ପାଖେ ଆଘର୍ ପ୍ରଧାନ୍ମନ୍ତ୍ରୀ ଅଟଲ୍ ବିହାରୀ ବାଜପେୟୀଙ୍କର୍ ପ୍ରତିମୂର୍ତିଥି ଫୁଲ୍ମାଲ୍ ଅର୍ପଣ୍ କର୍ବେ । ତାର୍ ଉତ୍ରୁ ନୀଳକଣ୍ଠ ନଗର୍ ଶିଶୁମନ୍ଦିର୍ ନ ବାର୍ଷିକ ଉତ୍ସବ୍ଥି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ- ଉସ୍ନା ଚାଉଲ୍        ପିଆଇବି

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ଙ୍କର୍ ନେତୃତ୍ୱଥି ଓଡ଼ିଶାର୍ ସାଂସଦ୍, ବିଧାୟକ୍ ମାନ୍କର୍ ସହେତେ ବିଜେପିର୍ ଗୁଟେ ପ୍ରତିନିଧି ଦଲ୍ ଗଲାକାଏଲ୍ କେନ୍ଦ୍ର ଖାଉଟି ବ୍ୟାପାର୍ ଆଉ ସାଧାରଣ୍ ବଂଟନ୍ ମନ୍ତ୍ରୀ ପ୍ରହ୍ଲାଦ୍ ଯୋଷୀଙ୍କୁ ଭେଟିଛନ୍ । ଇ ଅବ୍ସରେ ପ୍ରତିନିଧି ଦଲ୍ ଓଡ଼ିଶା ନ ଉସ୍ନା ଚାଉଲ୍ ଉଠାବାର୍ ପରିମାଣ୍ ୨୦ ଲାଖ୍ ମେଟ୍ରିକ୍ ଟନ୍ ନୁ ୨୫

ଲାଖ୍ ମେଟ୍ରିକ୍ ଟନ୍‌କେ ବଢ଼ାବାର୍ ଲାଗି କେନ୍ଦ୍ରମନ୍ତ୍ରୀ ଶ୍ରୀ ଯୋଷୀଙ୍କୁ ଲିଖିତ୍ ଅନୁରୋଧ୍ କରିଛନ୍ । ଓଡ଼ିଶା ନ ଇହାଦେ ବହୁତ୍ ଉସ୍‌ନା ଚାଉଲ୍ ଉତ୍ପାଦନ୍ ହେଉଛେ । ରାଏଜୁ ଅଏତ୍‌କା ଉସ୍‌ନା ଚାଉଲ୍ ଉଠାଲେ ଚାଷୀମାନ୍‌କର୍ ସ୍ୱାର୍ଥ ରକ୍ଷା ହେବାର୍ ସହେତେ ଜାତୀୟ ଖାଦ୍ୟ ନିରାପତା ବ୍ୟବସ୍ଥା ଆହୁରି ମଜ୍‌ବୁତ୍ ହେବା ବଲି ପ୍ରତିନିଧି ଦଲ୍ କହିଛନ୍ ।

ଓଡ଼ିଶା ନ ଧାନ୍ ଘିନା ପରିମାଣ୍ ୫୦ ଲାଖ୍ ମେଟ୍ରିକ୍ ଟନ୍‌ନୁ ୫୮ ଲାଖ୍ ମେଟ୍ରିକ୍ ଟନ୍‌କେ ବଢ଼େଇଥିବାର୍‌ନୁ ପ୍ରତିନିଧି ଦଲ୍ କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଜନେଇଛନ୍ ।

ବି.ଭି. ଜି. ରାମ୍. ଜି ବିଲ୍ ପି.ଆଇ.ବି.

ଲୋକ୍‌ସଭା ନ ଗଲାକାଏଲ୍ ବିକଶିତ୍ ଭାରତ୍ - ରୋଜ୍‌ଗାର୍ ଆଉ ଜୀବିକା ମିଶନ୍ ଗ୍ରାମୀଣ ଲାଗି ଗ୍ୟାରେଂଟି ବି.ଭି. ଜି. ରାମ୍. ଜି ଆଇନ୍-୨୦୨୫ ଉପସ୍ଥାପିତ୍ ହେଇଛେ । ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ରଦ୍ଦ କରିକରି ତାର୍ ଜାଗା ନ ଇ ନୂଆଁ ଆଇନ୍‌କେ କାର୍ଯ୍ୟକାରୀ କରାଯିବା । ବି.ଭି. ଜି. ରାମ୍. ଜି ଆଇନ୍-୨୦୨୫ ବାବ୍‌ଦେ ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍ ତରଫୁ ସ୍ୱତନ୍ତ୍ର ରିପୋର୍ଟ...

(ଭଏସ୍ ଓଭର୍- ବିସ୍ମିତା ପଧାନ୍)

*ବି.ଭି. ଜି. ରାମ୍. ଜି ଆଇନ୍-୨୦୨୫ ହେଉଛେ ୨୦ ବଛର୍ ପୁର୍ନା ମନରେଗାର୍ ଗୁଟେ ବ୍ୟାପକ୍ ପରିବର୍ତନ୍ । ଇଟା ବିକଶିତ୍ ଭାରତ୍ ୨୦୪୭ କେ ତାଲ୍ ଦେଇକରି ଗୁଟେ ଆଧୁନିକ୍ ବୈଧାନିକ୍ ଢାଂଚା ପ୍ରତିଷ୍ଠା କର୍ବା । ଯେନ୍ଟାକି ଗାଁ ଇଲାକାର୍ ଫି’ ଗରିବ୍ ପରିବାର୍କେ ବଛର୍କ ଶହେ ୨୫ ଦିନର୍ ରୋଜ୍‌ଗାର୍ ସୁନିଶ୍ଚିତ୍ କର୍ବା । ଇ ଆଇନ୍‌ଥି - କାମ୍ ଜରିଏ ପାନିର୍ ସୁରକ୍ଷା, ମୌଲିକ୍ ଗ୍ରାମୀଣ୍ ଭିତିଭୂମି, ଜୀବିକା ଭିତିଭୂମି, ଖରାପ୍ ପାଣିପାଗ ସମିଆଥି ପ୍ରଶମନ ଲାଗି ଖାସ୍ କାର୍ଯ୍ୟକ୍ରମ୍ ଜରିଏ ରୋଜ୍‌ଗାର୍ ଆଉ ଦୀର୍ଘସ୍ଥାୟୀ ଗ୍ରାମୀଣ୍ ଭିତିଭୂମି ନିର୍ମାଣ୍ କରାଯିବା ।*

*ଆକାଶ୍‌ବାଣୀ ସମ୍ବାଦ ବିଭାଗ୍ ତର୍ଫୁ ବିସ୍ମିତା ପଧାନ୍ ।*

ଦିଲ୍ଲୀ ବିଶ୍ୱବିଦ୍ୟାଳୟ-ଓଡ଼ିଆ ଷ୍ଟଡ଼ିଜ୍ ସେଂଟର/ଆର୍‌ଏନ୍‌ୟୁ/ ସମ୍ବଲପୁର

ଦିଲ୍ଲୀ ବିଶ୍ୱବିଦ୍ୟାଳୟ ନ ଖୋବ୍ ଜଲ୍‌ଦି ଓଡ଼ିଆ ଷ୍ଟଡ଼ିଜ୍ ସେଂଟର୍ ଥାପ୍‌ନା କରାଯିବା । ଇତାର୍ ସହେତେ ଓଡ଼ିଆ ଭାଷାଥି ପାଠ୍ ପଢ଼ାଯାଉଥିବାର୍ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଦେଶର୍ ପହେଲା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ହେବା । ଇ କେନ୍ଦ୍ର ନ ଓଡ଼ିଆ ଭାଷା ସହେତେ ଓଡ଼ିଶାର୍ ଇତିହାସ୍,

କଳା, ସଂସ୍କୃତି ଆଉ ମହାନ୍ ମନୀଷିମାନ୍‌କର୍ ଦେଶର୍ ପ୍ରଗତିଥି ଅବଦାନ୍ ବାବ୍‌ଦେ ପଢ଼ାଯିବା ।

ଶ୍ରୀମନ୍ଦିର୍-ବଡ଼ଦିନ୍, ନୂଆବଛର I&PR

ବଡ଼ଦିନ୍ ଆଉ ନୂଆବଛର୍ ବେଲେ ପୁରୀ ଶ୍ରୀମନ୍ଦିର୍‌କେ ଖାଲି ସିଂହଦୁଆର୍ ଦେଇକରି ଶ୍ରଦ୍ଧାଳୁମାନେ ପଶିପାର୍‌ବେ । ବାକି ତିନ୍‌ହି ଦୁଆର ଦେଇକରି ବାହାର୍‌କେ ବାହାରି ପାର୍‌ବେ । ନୂଆଁବଛର୍ ଆଉ ବଡ଼ଦିନ୍ ଅବ୍‌ସରେ ଶ୍ରଦ୍ଧାଳୁମାନ୍‌କର୍ ଭିଡ଼୍‌କେ ନଜର୍‌ଥି ରଖିକରି ଇ ନିଷ୍ପତି ନିଆଯାଇଛେ ବଲି ଜିଲ୍ଲାପାଲ୍ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ । ସେଆଡ଼େ ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆଙ୍କର୍ ଅଧ୍ୟକ୍ଷତାଥି ଭିଲ୍ ତାଙ୍କର୍ ଭୁବ୍‌ନେଶ୍ୱର୍ କେମ୍ପ୍ କାର୍ଯ୍ୟାଳୟ ନ ଗୁଟେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ୍ ଗଲାକାଏଲ୍ ହେଇଯାଇଛେ । ବୈଠକ୍‌ଥି ବରିଷ୍ଠ ପୁଲିସ୍ ଆଉ ଟ୍ରାଫିକ୍ ବିଭାଗ୍‌ର ଅଧିକାରୀମାନେ ଯୋଗ୍ ଦେଇକରି ବଡ଼ଦିନ ଆଉ ନୂଆଁ ବଛର୍ ଅବ୍‌ସରେ ଶ୍ରଦ୍ଧାଳୁମାନ୍‌କର୍ ଶାନ୍ତିଶୃଙ୍ଖଲାକେ ନେଇକରି ଆଲୋଚନା କର୍‌ବାର୍ ସହେତେ ରଣନୀତି ତିଆର୍ କରିଛନ୍ ।

ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ଜୟନ୍ତୀ

ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶାର୍ ବରପୁତ୍ର ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓଙ୍କର୍ ଆଏଜ୍ ହେଉଛେ ଜୟନ୍ତୀ । ଇ ଅବ୍‌ସରେ ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ଆଉ ମୟୁର୍‌ଭଞ୍ଜ୍ ସାଂସ୍କୃତିକ୍ ସଂସଦ୍ ତର୍‌ଫୁ ଭୁବ୍‌ନେଶ୍ୱର୍ ଜୟଦେବ୍ ଭବନ୍ ନ ଗୁଟେ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ହେବା । ଇଥି ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ତାର୍ ଆଘୋନୁ ସଖାଲର୍ ସାଢ଼େ ୮ ବଜେ ପାୱାର୍ ହାଉସ୍ ଛକ୍ ଠାନେ ଥିବା ମହାରାଜାଙ୍କର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ୍ କରାଯିବା ।

ଗୃହରକ୍ଷୀ ନିଯୁକ୍ତି-ଲିଖିତ୍ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ଗୃହରକ୍ଷୀ ନିଯୁକ୍ତି ଲାଗି ସମ୍ବଲ୍‌ପୁର୍ ଜିଲ୍ଲା ପୁଲିସ୍ ତର୍‌ଫୁ ଗଲାକାଏଲ୍ ଲିଖିତ୍ ପରୀକ୍ଷା କରାଯାଇଥିଲା । ସହରର୍ ଜମାଦାର୍‌ପାଲି ବିମାନ୍ ପଡ଼ିଆର୍ ରନ୍‌ୱେ ନ ହେଇଥିବା ମୁକ୍ତାକାଶ୍ ପରୀକ୍ଷା କେନ୍ଦ୍ର ନ ଏକାସଙ୍ଗେ ୮ ହଜାର୍ ପରୀକ୍ଷାର୍ଥୀ ବସିକରି ପରୀକ୍ଷା ଦେଇଛନ୍ । ନୀରପେକ୍ଷ ଆଉ ଶୃଙ୍ଖଲାର୍ ସହେତେ ଲିଖିତ୍ ପରୀକ୍ଷାର୍ ଆୟୋଜନ୍

କରାଯାଇଥିଲା ବଲି ଆରକ୍ଷୀ ଅଧିକ୍ଷକ୍ ମୁକେଶ୍ ଭାମୁ ସୂଚ୍ନା ଦେଇଛନ୍ ।

ଶିଶୁ ଅଧିକାର୍ ସୁରକ୍ଷା ଆୟୋଗ ଝାର୍ସୁଗୁଡ଼ା ସମ୍ବାଦଦାତା

ଓଡ଼ିଶା ଶିଶୁ ଅଧିକାର୍ ସୁରକ୍ଷା ଆୟୋଗ୍ର ଗୁଟେ ପ୍ରତିନିଧି ଦଲ୍ ଗଲାକାଏଲ୍ ଝାର୍ସୁଗୁଡ଼ା ନ ଜିଲ୍ଲାଥି ଚାଲିଥିବା ଶିଶୁ କଲ୍ୟାଣ୍ କାର୍ଯ୍ୟକ୍ରମ୍ର ସମୀକ୍ଷା କରିଛନ୍ । ଆୟୋଗ୍ର ଅଧ୍ୟକ୍ଷା ବବିତା ପାତ୍ରଙ୍କର୍ ନେତୃତ୍ୱଥି ଆସିଥିବା ପ୍ରତିନିଧି ଦଲ୍ ଗଲାକାଏଲ୍ ଜିଲ୍ଲାପାଲ୍ କୁନାଲ୍ ମୋତିରାମ୍ ଚୌହାନ୍ଙ୍କର୍ ସହେତେ ଜିଲ୍ଲାସ୍ତରୀୟ ଅଧିକାରୀମାନ୍କୁ ଭେଟିକରି ବାଲ୍ୟବିବାହ ରୁକ୍ବାର୍ ସହେତେ ଶିଶୁ ସୁରକ୍ଷା ଉପ୍ରେ ଅଏତ୍କା ଧ୍ୟାନ୍ ଦେବାର୍କେ ଆଲୋଚନା କରିଥିଲେ ।

ଶିଶୁ ଶ୍ରମିକ ନିରାକରଣ୍ -ବୈଠକ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ତାଙ୍କର୍ କାର୍ଯ୍ୟାଳୟ ନ ଶିଶୁ ଶ୍ରମିକ ନିରାକରଣ୍ ବାବଦ୍ ଗୁଟେ ଜିଲ୍ଲାସ୍ତରୀୟ ବୈଠକ୍ ହେଇଯାଇଛେ । ଜିଲ୍ଲା ନ ଶିଶୁ ଶ୍ରମିକ ବନ୍ଦ୍ କର୍ବାର୍ ଲାଗି ପଂଚାୟତ୍ ସ୍ତର୍ ନୁ ଜିଲ୍ଲାସ୍ତର୍ତକ୍ ବହୁତ୍ଟେ ସଚେତନତା

କାର୍ଯ୍ୟକ୍ରମ୍ କର୍‌ବାର୍‌କେ ବୈଠକ୍ ନ ନିଷ୍ପତି ନିଆଯାଇଛେ । ସବୁ ସୋମ୍‌ବାର୍ ଦିନ ଇ ବାବଦ୍ ଗୁଟେ ସଚେତନତା ଶିବିର୍ ଭିଲ୍ ଆୟୋଜନ୍ କରାଯିବା ।

ଶିଶୁ ପାଇଁ ଦିନଟିଏ        ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ଗଲାକାଏଲ୍ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌କେ ଜିଲ୍ଲାପାଲ୍ ଆଦିତ୍ୟ ଗୋୟଲ୍ ଅଧ୍ୟକ୍ଷତା କରିକରି ଶିଶୁ ସୁରକ୍ଷା ଶାଖାର୍ ପ୍ରତିନିଧି ଆଉ ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀମାନ୍‌କର୍ ସାଙ୍ଗେ ଜିଲ୍ଲା ନ ଶିଶୁ ସୁରକ୍ଷା ବାବଦ୍ ଭିନ୍ ଭିନ୍ ମାମ୍‌ଲାର୍ ସମୀକ୍ଷା କରିଥିଲେ ।